# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**17 April - 2025**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ସାମାଜିକ, ଅର୍ଥନୈତିକ ପରିବର୍ତ୍ତନ ପାଇଁ ଶିକ୍ଷା ଜରୁରୀ ବୋଲି କହିଲେ, କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ
- ଦେଶରେ ବେରୋଜଗାରୀ ସମସ୍ୟାକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରୟାସ ଜାରି; କହିଲେ, କେନ୍ଦ୍ର ବିଭାଗୀୟ ମନ୍ତ୍ରୀ
- ବିଶ୍ୱ ହେମୋଫିଲିଆ ଦିବସ ଆଜି ପାଳନ କରାଯାଉଛି

ଏବଂ

- କାଳ ବୈଶାଖୀର ପ୍ରଭାବରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହିତ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି

# ଗଡ଼କରୀ - ଓଡିଶା ଗସ୍ତ

ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ପାଇଁ ଶିକ୍ଷା ଜରୁରୀ ବୋଲି କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ୍ ଗଡ଼କରୀ  କହିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ସ୍ମାରକୀ ବକ୍ତୃତା ଓ ଜାତୀୟ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଗଡକରୀ କହିଛନ୍ତି,  ସଂସ୍କୃତି, ଐତିହ୍ୟ ଓ ସାହିତ୍ୟ ସହ ଇତିହାସ ଅଙ୍ଗାଅଙ୍ଗୀ ଭାବେ ଜଡିତ। ବର୍ତ୍ତମାନର ଯୁବପିଢ଼ିଙ୍କୁ ଇତିହାସ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି। ଏହା ସହ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଓଡ଼ିଶା ପ୍ରତି ଥିବା ଅବଦାନ ଓ ତାଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରି କହିଛନ୍ତି...

**-V/O-***(Nitin Gadkari)*

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡକରୀ ଓଡ଼ିଶାର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ।

ଡକ୍ଟର ହରେକୃଷ୍ଣ ମହତାବ ସ୍ୱାଧୀନତା ପୂର୍ବରୁ ଓ ପରେ ଓଡ଼ିଶାର ନେତୃତ୍ୱ ନେଇଥିଲେ। ରାଜ୍ୟରେ ଭିତ୍ତିଭୂମି ନିର୍ମାଣ, ଜଳସେଚନ ଏବଂ ଶିକ୍ଷା କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ରହିଛି।

ହରେକୃଷ୍ଣ ମହତାବ ଓଡ଼ିଶାର ସର୍ଦ୍ଦାର ପଟେଲ ବୋଲି  କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

**-V/O-***(CM)*

କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଭର୍ତ୍ତୃହରି ମହତାବଙ୍କ ସମେତ ବହୁ ଅତିଥିମାନେ ଉପସ୍ଥିତ ଥିଲେ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀ ଆଜି ଅପରାହ୍ଣରେ ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ପ୍ରାୟ ୪ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୧୯ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା କାର୍ଯ୍ୟାନ୍ୱୟନ ହେଉଥିବା ବିଭିନ୍ନ ସଡ଼କ ପ୍ରକଳ୍ପର ସମୀକ୍ଷା କରିବେ।

## ଜିତନରାମ ମାଞ୍ଝୀ

ଦେଶରେ ବେରୋଜଗାରୀ ସମସ୍ୟାକୁ ପ୍ରତିହତ କରିବା ପାଇଁ ଏମ୍ଏସ୍ଏମ୍ଇ ବିଭାଗ ପ୍ରୟାସ ଜାରି ରଖିଛି ବୋଲି କେନ୍ଦ୍ରମନ୍ତ୍ରୀ ଜିତନରାମ ମାଞ୍ଝୀ କହିଛନ୍ତି। ବିଭିନ୍ନ ଷ୍ଟାର୍ଟଅପ୍ ଯୋଜନା ମାଧ୍ୟମରେ ଯୁବବର୍ଗଙ୍କୁ ସଶକ୍ତ ଏବଂ ଆତ୍ମନିର୍ଭରଶୀଳ କରିବାକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି। ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଟୁଲ୍ ରୁମ୍ ଏବଂ ତାଲିମ୍ କେନ୍ଦ୍ର-ସିଟିଟିସି ପରିଦର୍ଶନ କରିବା ଅବସରରେ ମନ୍ତ୍ରୀ ଶ୍ରୀ ମାଞ୍ଝୀ ଏହା କହିଛନ୍ତି। ସେ କହିଛନ୍ତି, ପୂର୍ବୋଦୟ ବିକାଶରେ ହିଁ ଦେଶର ବିକାଶ ସମ୍ଭବ ହୋଇପାରିବ। ଦେଶର ମହାକାଶ ଅଭିଯାନରେ ଏହି କେନ୍ଦ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ ଶ୍ରୀ ମାଞ୍ଝୀ କହିଛନ୍ତି। ଏହି ଅବସରରେ ଶ୍ରୀ ମାଞ୍ଝୀ ସିଟିଟିସିର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଛନ୍ତି।

## ବାଚସ୍ପତି-ଓଡ଼ିଶା ଗସ୍ତ

ଓଡ଼ିଶା ଗସ୍ତରେ ଥିବା ଦିଲ୍ଲୀ ବିଧାନସଭାର ବାଚସ୍ପତି ବିଜେନ୍ଦର୍ ଗୁପ୍ତା ଏବଂ ଉପବାଚସ୍ପତି ମୋହନ ସିଂ ବିଷ୍ଟ୍ ଆଜି ରାଜ୍ୟ ବିଧାନସଭା ପରିଦର୍ଶନ କରିଛନ୍ତି। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ପେପରବିହୀନ ବିଧାନସଭା କାର୍ଯ୍ୟାବଳୀ ପ୍ରସ୍ତୁତ ନେଇ ଆଲୋଚନା କରିଛନ୍ତି। ବିଧାନସଭା ଆଲୋଚନା, ତଥ୍ୟ ଏବଂ ନିଷ୍ପତ୍ତିଗୁଡ଼ିକ ଯଥାଶୀଘ୍ର ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି।

## ନୂତନ ପଦବୀ

ରାଜ୍ୟର ଟ୍ରାଫିକ୍ ଓ ସଡକ ସୁରକ୍ଷା ବ୍ୟବସ୍ଥାକୁ ଶୃଙ୍ଖଳିତ ଓ ସୁଦୃଢ଼ କରିବା ପାଇଁ ଟ୍ରାଫିକ୍ ଶାଖାରେ ୨ ହଜାର ନୂତନ ପଦବୀ ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ପ୍ରଦାନ କରିଛନ୍ତି। ରାଜ୍ୟସ୍ତରୀୟ ଟ୍ରାଫିକ୍ ବ୍ୟବସ୍ଥାରେ ୭୦ଟି ନୂତନ ପଦବୀ ସହ ଜିଲ୍ଲାସ୍ତରରେ ୧ ହଜାର ୯୩୦ଟି ପଦବୀ ସୃଷ୍ଟି କରାଯାଇଛି। ଏହି ପଦବୀ ଫଳରେ ରାଜ୍ୟର ଟ୍ରାଫିକ୍ ବ୍ୟବସ୍ଥା ସୁଦୃଢ଼ ହେବା ସହ ସଡକ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ପାଇଁ ଅନୁକରଣୀୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶା ବ୍ୟକ୍ତ କରିଛନ୍ତି। ସେହିପରି ରାଜ୍ୟରେ ବୃଦ୍ଧି ପାଉଥିବା ସାଇବର ଓ ଅର୍ଥନୈତିକ ଅପରାଧକୁ ନିୟନ୍ତ୍ରଣ ପାଇଁ ସରକାର ସାଇବର ଥାନା ସଂଖ୍ୟାକୁ ୩୪କୁ ବୃଦ୍ଧି କରିଛନ୍ତି । ଏଥିସହ ନୂତନ ସାଇବର ଥାନା ନିମନ୍ତେ ଅତିରିକ୍ତ

୯୮୭ଟି ନୂଆ ପଦବି ମଞ୍ଜୁର କରାଯାଇଛି । ଏଥିସହ ମୋଟ ଅନୁମୋଦିତ ପଦବୀ ସଂଖ୍ୟା ୧ ହଜାର ୧୨୭କୁ ବୃଦ୍ଧି ପାଇଛି ।

## ପାରିଶ୍ରମିକ ବୃଦ୍ଧି

ରାଜ୍ୟ ସରକାର ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ୍‌ରେ କାର୍ଯ୍ୟ କରୁଥିବା ପୂର୍ବତନ ସେନା ଓ ନାଭିର ସୈନିକ, କେନ୍ଦ୍ରୀୟ ସଶକ୍ତବାହିନୀ କର୍ମଚାରୀଙ୍କ ମାସିକ ପାରିଶ୍ରମିକକୁ ବୃଦ୍ଧି କରିଛନ୍ତି।  ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନ କ୍ରମେ ସିପାହୀମାନଙ୍କ ମାସିକ ପାରିଶ୍ରମିକ ୩୦ ହଜାରରୁ ୪୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ନାଏକ ଓ ହାବିଲଦାରଙ୍କ  ୩୨ ହଜାରରୁ ୫୦ ହଜାର, ଜୁନିୟର କମିଶନ୍ ଅଫିସରଙ୍କ ପାରିଶ୍ରମିକ ୪୦ ହଜାରରୁ ୫୫ ହଜାରକୁ ବୃଦ୍ଧି କରାଯାଇଛି।

## ବିଜୁ-ତିରୋଧାନ ଦିବସ

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଜି ୬୮ତମ ତିରୋଧାନ ଦିବସ ପାଳନ କରାଯାଉଛି।  ଏହି ଅବସରରେ ରାଜ୍ୟବ୍ୟାପୀ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେଉଛି। ବିଧାନସଭା ପରିସରରେ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଦୁଇ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ ଓ ପ୍ରଭାତୀ ପରିଡାଙ୍କ ସହ ଅନ୍ୟ ମନ୍ତ୍ରୀ ଓ ବିଧାୟକଗଣ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହ ସନ୍ଧ୍ୟାରେ ଭୁବନେଶ୍ୱର ଜୟଦେବ ଭବନରେ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ବିଜେପି ସଭାପତି ପଦ

ବିଜୁ ଜନତା ଦଳର ସଭାପତି ପଦ ପାଇଁ ବର୍ତ୍ତମାନର ସଭାପତି ଦାୟିତ୍ୱ ନିର୍ବାହ କରୁଥିବା ନବୀନ ପଟ୍ଟନାୟକ ନବମ ଥର ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜୁ ପଟ୍ଟନାୟକଙ୍କ ୨୮ତମ ପୂଣ୍ୟ ତିଥି ଅବସରରେ ବିଜେଡିର ମୁଖ୍ୟାଳୟ ଭୁବନେଶ୍ୱରସ୍ଥିତ ଶଂଖ ଭବନରେ ଏକମାତ୍ର ପ୍ରାର୍ଥୀ ଭାବେ ସେ ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ଆସନ୍ତା ୧୯ ତାରିଖ ଦିନ ଆନୁଷ୍ଠାନିକ ଭାବେ ସଭାପତିଙ୍କ ନାମ ଘୋଷଣା କରାଯିବ ବୋଲି କୁହାଯାଇଛି।

## ବିଶ୍ୱ ହେମୋଫିଲିଆ ଦିବସ

ବିଶ୍ୱ ହେମୋଫିଲିଆ ଦିବସ ଆଜି ପାଳନ କରାଯାଉଛି। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଶରୀରର କୌଣସି ସ୍ଥାନରୁ ରକ୍ତକ୍ଷରଣ ହେଲେ ତାହା ସହଜରେ ବନ୍ଦ ହୋଇନଥାଏ। ସମଗ୍ର ବିଶ୍ୱବାସୀଙ୍କୁ ଏହି ରୋଗ ସମ୍ପର୍କରେ ସଚେତନ କରିବା ନିମନ୍ତେ ଏପ୍ରିଲ ୧୭ ତାରିଖକୁ ବିଶ୍ୱ ହେମୋଫିଲିଆ ଦିବସ ଭାବେ ପାଳନ କରାଯାଉଛି। ୧୯୮୯ ମସିହା ଏପ୍ରିଲ ୧୭ ତାରିଖରେ ପ୍ରଥମଥର ପାଇଁ ବିଶ୍ୱ ହେମୋଫିଲିଆ ମହାସଂଘର ପ୍ରତିଷ୍ଠାତା ଫ୍ରାଙ୍କ୍ ସ୍କାବେଲଙ୍କ ଜନ୍ମଦିନକୁ ସମ୍ମାନ ଜଣାଇ ଏହି ଦିବସର ପରିକଳ୍ପନା କରାଯାଇଥିଲା। ହେମୋଫିଲିଆ ଏକ ବଂଶାନୁକ୍ରମିକ ରକ୍ତସ୍ରାବ ବିଶୃଙ୍ଖଳା, ଯାହାଦ୍ୱାରା ରକ୍ତଜମାଟ ବାନ୍ଧୁଥିବା କାରକର ତ୍ରୁଟି ଯୋଗୁଁ ହୋଇଥାଏ। ଏହି ଏକ ଅନୁଧ୍ୟାନ ରିପୋର୍ଟରୁ ଜଣାପଡ଼ିଛି, ପ୍ରତି ୨୦ ହଜାର ବ୍ୟକ୍ତିଙ୍କ ମଧ୍ୟରେ ତିନିଜଣ ହେମୋଫିଲିଆରେ ଆକ୍ରାନ୍ତ ହୋଇଥାନ୍ତି।

## ଆଇସିୟୁ ପ୍ରତିଷ୍ଠା

**କେନ୍ଦୁଝର** ଜିଲ୍ଲାରେ ଗୁରୁତର ରୋଗୀଙ୍କ ଉନ୍ନତ ଏବଂ ସମୟୋପଯୋଗୀ ଚିକିତ୍ସା ପ୍ରଦାନକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ପ୍ରତିଷ୍ଠା କରାଯାଇଛି। ଏହାର ଉଦ୍‌ଘାଟନ ସମାରୋହରେ ଯୋଗଦେଇ ବିଧାୟକ ଅଖିଳ ଚନ୍ଦ୍ର ନାୟକ କହିଛନ୍ତି, ଆଇସିୟୁ ମାଧ୍ୟମରେ ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ସେବା ପ୍ରଦାନ କରାଯାଇପାରିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି। ଆବଶ୍ୟକସ୍ଥଳେ ଜିଲ୍ଲା ଚିକିତ୍ସାଳୟରେ ଶଯ୍ୟା ଏବଂ  କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରାଯିବାକୁ ପଦକ୍ଷେପ ନିଆଯିବାକୁ ସେ କହିଛନ୍ତି।

## ବସୁନ୍ଧରା ଯୋଜନା

**ଗଞ୍ଜାମ** ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଛି। ରାଜସ୍ୱ ବିଭାଗ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବସୁନ୍ଧରା ଯୋଜନା ଅଧୀନରେ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ତୁରନ୍ତ ଜମି ପଟ୍ଟା ପ୍ରଦାନ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।  ବେଆଇନ୍ ଇଟାଭାଟି ଏବଂ ମାର୍ଗଦର୍ଶିକା ଅନୁଯାୟୀ କ୍ରସର ୟୁନିଟ୍ ଗୁଡ଼ିକର କାର୍ଯ୍ୟକାରିତା ନେଇ ନିୟମିତ ଯାଞ୍ଚ କରିବାକୁ ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି। ସରକାରୀ ଜମି ଜବରଦଖଲ କାରୀଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି। ଜମିଜମା ସଂକ୍ରାନ୍ତ ମାମଲାଗୁଡ଼ିକରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଫଇସଲା କରିବା ସହ ଜିଲ୍ଲାର ବିଭିନ୍ନ ଅଂଚଳରେ ଟ୍ରାଫିକ୍

ନିୟମାବଳୀ ପାଳନ ନେଇ ଯାଂଚ ବ୍ୟବସ୍ଥାକୁ କଡାକଡି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ନିଯୁକ୍ତିମେଳା

**ଢେଙ୍କାନାଳ** ଜିଲ୍ଲା ପ୍ରଶାସନର ସହଯୋଗରେ ଆସନ୍ତା ଶନିବାର ଦିନ କାମାକ୍ଷାନଗରର ସାରଙ୍ଗଧର ଷ୍ଟାଡିୟମ୍‌ରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଆୟୋଜନ କରାଯାଇଛି । ଏହି  ମେଳାରେ ଜିଲ୍ଲାର ସମସ୍ତ ବ୍ଲକ୍ ଓ ସହରାଞ୍ଚଳରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ନିଯୁକ୍ତି ଆଶାୟୀ ଯୁବକଯୁବତୀ ଅଂଶ ଗ୍ରହଣ କରିପାରିବେ ।  ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅଟୋମେଟିଭ୍, ଇଲେକ୍‌ଟ୍ରୋନିକ୍ସ, ବ୍ୟାଙ୍କିଂ, ସୁରକ୍ଷା ସଂସ୍ଥା, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ କ୍ଷେତ୍ରର ନିଯୁକ୍ତିଦାତା ଏଥିରେ ଯୋଗଦେବେ । ଇଚ୍ଛୁକ ପ୍ରାର୍ଥୀ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଏବଂ ଆଧାରକାର୍ଡ ସହିତ ଏହି ମେଳାରେ ସକାଳ ୮ଟାରେ ପହଞ୍ଚିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ଓଡ଼ିଶା ସେତୁ

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିମିଟେଡ୍ ପକ୍ଷରୁ ଭବାନୀପାଟଣାରେ କେବଳ ସେତୁ ଏବଂ ରାସ୍ତା କାର୍ଯ୍ୟ ପାଇଁ ୪୩୬ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି । ଉପଯୋଗିତା ସ୍ଥାନାନ୍ତର, ଜମି ଅଧିଗ୍ରହଣ, ଜଙ୍ଗଲ ପରିବର୍ତ୍ତନ ଆଦି ପାଇଁ ୨୦୦ କୋଟି ଟଂକା ଖର୍ଚ୍ଚ ହେବ ବୋଲି ଜଣାପଡିଛି । ବର୍ତ୍ତମାନ ଜିଲ୍ଲାରେ ଥିବା ସମସ୍ତ ୨ ଲେନ୍ ସେତୁକୁ ଭଂଗାଯାଇ ଏହାକୁ ୬ଲେନ୍‌ରେ ପରିଣତ କରାଯିବ । ଏହାଫଳରେ ଖରିଆର ଏବଂ ଭବାନପାଟଣାକୁ ଗମନାଗମନରେ ସୁବିଧା ହୋଇପାରିବ । ସୂଚନାଯୋଗ୍ୟ,

ଭବାନୀପାଟଣା ଓୟୁଏଚି ମୁଖ୍ୟ ଫାଟକରୁ ରାଜଖରିଆର ପର୍ଯ୍ୟନ୍ତ ୬୮ କିଲୋମିଟର ୪ ଲେନ୍ ପାଇଁ ଟେଣ୍ଡର ପ୍ରକ୍ରିୟା ଇତିମଧ୍ୟରେ ଶେଷ ହୋଇଛି।

## ଲେଟେରାରୀ ଫେଷ୍ଟିଭାଲ୍

ପୁରୀ ଲେଟେରାରୀ ଫେଷ୍ଟିଭାଲ୍-୨୦୨୫ ଆସନ୍ତାକାଲିଠାରୁ ଅନୁଷ୍ଠିତ ହେବାକୁ ଯାଉଛି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଯୁବପିଢ଼ିଙ୍କ ମଧ୍ୟରେ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ନବସୃଜନ ପାଇଁ ପ୍ରୋତ୍ସାହନ ସୃଷ୍ଟି ଲକ୍ଷ୍ୟ ନେଇ ଏହି ଫେଷ୍ଟିଭାଲର ଆୟୋଜନ କରାଯାଉଛି। ଏଥିରେ ୨୦୩୬ ମସିହାରେ ଓଡ଼ିଶା, ଆଧୁନିକ ଯୁଗରେ ଇତିହାସ ଲିଖନ, ଏକବିଂଶ ଶତାବ୍ଦୀରେ ଓଡ଼ିଆ ଆଦି ବିଷୟବସ୍ତୁ ଉପରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ବକ୍ତା ଯୋଗଦେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି।

## ପାଣିପାଗ

କାଳବୈଶାଖୀର ପ୍ରଭାବରେ ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ କେତେକ ସ୍ଥାନରେ ବଜ୍ରପାତ ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏଥିପାଇଁ ୨୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ୨୨ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସହ ତାପମାତ୍ରା ହ୍ରାସ ପାଇପାରେ।